# ODM PUBLIC SCHOOL

SESSION :03

CLASS :3

SUBJECT : ODIA

CHAPTER NUMBER: 05

CHAPTER NAME : କ୍ରିକେଟ ଖେଳ

SUBTOPIC : ଅଭ୍ୟାସ-୨,୩ ଓ ସମାନ ଉଚ୍ଚାରଣ ଶବ୍ଦ

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ ପଠନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP

# କ୍ରିକେଟ ଖେଳ





# କ୍ରିକେଟ୍ ଖେଳ

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ ! ଠେକୁଆ ତା' କଥାରେ ହଁ ଭରିଲା ।

ODM EDUCATIONAL GROUP



ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି



ପଶୁପକ୍ଷୀଙ୍କୁ ମାଙ୍କଡ଼ ଖବର ଦେଲା । ପାଣିରେ ଥିବା ଜୀବ ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ କଙ୍କଡ଼ା ଖବର ଦେଲା ।

ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍ଟେନ୍, ଅନ୍ୟଦଳର କ୍ୟାପ୍ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଜନା ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ODM EDUCATIONAL GROUP

ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋର୍‌ସୋର୍‌ରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ



ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲ୍‌ରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା'ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

# ଅଭ୍ୟାସ -୨ ଠିକ ଭାବରେ ପଢ

| | |
|---|---|
| ପୁରସ୍କାର | ପୂର୍ବ |
| ବିସ୍କୁଟ୍ | ସର୍ବତ |
| ତିରସ୍କାର | ବର୍ଷା |
| ଆସ୍କା | ବିଦ୍ୟାଳୟ |
| ସ୍କୁଟର | ପଦ୍ୟ |
| ଦର୍ପଣ | ଖାଦ୍ୟ |
| ପର୍ବତ | ବ୍ୟାୟାମ |

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୩ ପଢ ଓ ଲେଖ

ସ୍କେଲ୍ ________

ସ୍କୁଲ୍ ________

ନମସ୍କାର ________

ପୁରସ୍କାର ________

ସତ୍ୟ ________

ଅଭ୍ୟାସ ________

ରାଜ୍ୟ ________

ବର୍ଷ ________

ସର୍ପ ________

ଗର୍ବ ________

ପର୍ବ ________

ଗଦ୍ୟ ________

ODM EDUCATIONAL GROUP
Changing your Tomorrow

# ସମାନ ଉଚ୍ଚାରଣ ଶବ୍ଦ

ପୁରସ୍କାର- ତିରସ୍କାର

ଖେଳ – ବେଳ

ଖାଦ୍ୟ – ବାଦ୍ୟ

ପଦ୍ୟ – ଗଦ୍ୟ

ମାଙ୍କଡ - କାଙ୍କଡ

ଦର୍ପଣ – ଅର୍ପଣ

ପର୍ବତ - ସର୍ବତ

ODM EDUCATIONAL GROUP

# ଠିକ ଭାବରେ ପଢ

| | | |
|---|---|---|
| ପୁରସ୍କାର | ପୂର୍ବ | ସ୍କୁଲ୍ |
| ବିସ୍କୁଟ୍ | ସର୍ବତ | ତସ୍କର |
| ତିରସ୍କାର | ବର୍ଷା | ମାଙ୍କଡ |
| ଆସ୍କା | ବିଦ୍ୟାଳୟ | କଙ୍କଡା |
| ସ୍କୁଟର | ପଦ୍ୟ | ଚିଙ୍ଗୁଡି |
| ଦର୍ପଣ | ଖାଦ୍ୟ | ସ୍କାଉଟ |
| ପର୍ବତ | ବ୍ୟାୟାମ | |

# ଗୃହକର୍ମ

## ଅଭ୍ୟାସ -୫ କୁ ଖାତାରେ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

**THANKING YOU**

**ODM EDUCATIONAL GROUP**

EDUCATIONAL GROUP
Changing your Tomorrow